# NATIONAL NEWS BULLETIN (ODIA)

## 15 August - 2025

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ୨୦୪୭ ମସିହା ସୁଦ୍ଧା ଦେଶର ପରମାଣୁ ଶକ୍ତିକୁ ୧୦ ଗୁଣା ବୃଦ୍ଧି କରାଯିବ; ଲାଲ୍‌କିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ ଅବସରରେ, କହିଲେ ପ୍ରଧାନମନ୍ତ୍ରୀ ।

– ଆଗାମୀ ଦଶବର୍ଷ ମଧ୍ୟରେ ସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ମିଶନ୍ ସୁଦର୍ଶନଚକ୍ର ଲାଗୁ କରାଯିବାକୁ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ।

– ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନାରେ ନିବେଶ ହେବ ୧ ଲକ୍ଷ କୋଟି ଟଙ୍କା, ଦେଶର ୩ କୋଟିରୁ ଅଧିକ ଯୁବକ ଯୁବତୀ ହେବେ ଲାଭାନ୍ୱିତ ।

– ଆତ୍ମନିର୍ଭର ଭାରତ ଗଠନ ପାଇଁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।

ଏବଂ

- କୃଷକ କଲ୍ୟାଣ ଓ ଦେଶର ବିକାଶକୁ ଅଗ୍ରାଧିକାର ଦିଆଯିବ, କହିଲେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।

# ପିଏମ୍-ଇଣ୍ଡିପେଣ୍ଡେସ୍ ଡେ

ଦେଶ ଆଜି ଅଣାଅଶୀତମ ସ୍ୱାଧୀନତା ଦିବସ ପାଳନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର ଲାଲ୍‌କିଲ୍ଲାରୁ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି ।

ଦେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ ଅପରେସନ୍ ସିନ୍ଦୂରର ସାହସୀ ସୈନିକମାନଙ୍କୁ ସଲାମ୍ କରି କହିଛନ୍ତି, ଏହି ଅପରେସନ୍ ଦେଶର ସଶସ୍ତ୍ର ବାହିନୀର ବୀରତ୍ୱ ଏବଂ ସାହସିକତାର ଏକ ଶକ୍ତିଶାଳୀ ପ୍ରମାଣ । ସେ କହିଛନ୍ତି, ସରକାର ସଶସ୍ତ୍ର ବାହିନୀକୁ ରଣନୀତି ପ୍ରସ୍ତୁତ କରିବା, ଲକ୍ଷ୍ୟ ଓ ସମୟ ସ୍ଥିର କରିବା ଲାଗି ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ସାହସୀ ସୈନିକମାନେ ଶତ୍ରୁମାନଙ୍କୁ କଡ଼ା ଜବାବ ଦେଇଛନ୍ତି । ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନରେ ଶହ ଶହ କିଲୋମିଟର ଶତ୍ରୁ ଅଞ୍ଚଳ ଆକ୍ରମଣ କରି ଆତଙ୍କବାଦୀ ଶିବିର ଗୁଡ଼ିକୁ ନଷ୍ଟ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ପହଲଗାମ୍‌ରେ ଆତଙ୍କବାଦୀଙ୍କ ଦ୍ୱାରା

ସଂଘଠିତ ବର୍ବର ଘଟଣା ପ୍ରତ୍ୟେକ ଭାରତୀଙ୍କୁ କ୍ରୋଧିତ କରିଛି ସେଥିପାଇଁ ଅପରେସନ୍ ସିନ୍ଦୂର ମାଧ୍ୟମରେ ଏହାର କଡ଼ା ଜବାବ ଦିଆଯାଇଛି ।

**V/O-PM--OP-SINDOOR**

ଶ୍ରୀ ମୋଦୀ କହିଛନ୍ତି, ଭାରତ ଏବେ ନିଷ୍ପତ୍ତି ନେଇଛି, ରକ୍ତ ଓ ପାଣି ଏକାଠି ପ୍ରବାହିତ ହେବ ନାହିଁ । ଶ୍ରୀ ମୋଦୀ କହିଛନ୍ତି, ଭାରତୀୟମାନେ ଅନୁଭବ କରିଛନ୍ତି, ସିନ୍ଧୁ ଜଳଚୁକ୍ତି ଅନ୍ୟାୟ ଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଆଉ ପରମାଣୁ ଆଳରେ ଦିଆଯାଉଥିବା ଯୁଦ୍ଧ ଧମକକୁ ସହ୍ୟ କରିବ ନାହିଁ ।

ପ୍ରଧାନମନ୍ତ୍ରୀ କହିଛନ୍ତି,  ଶତ୍ରୁମାନଙ୍କ ଦ୍ୱାରା ଯେକୌଣସି ପ୍ରୟାସକୁ ପ୍ରତିହତ କରିବା ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ସୃଷ୍ଟି କରିବା ପାଇଁ ଭାରତ **ମିଶନ ସୁଦର୍ଶନ ଚକ୍ର** ଆରମ୍ଭ କରିବ । ଶ୍ରୀ ମୋଦୀ କହିଛନ୍ତି ଆଗାମୀ ୧୦ବର୍ଷ ମଧ୍ୟରେ ୨୦୩୫ ସୁଦ୍ଧା ଏହି ଜାତୀୟ ସୁରକ୍ଷାକୁ ବିସ୍ତାର, ସୁଦୃଢ଼ ଏବଂ ଆଧୁନିକୀକରଣ କରାଯିବ । ପ୍ରଧାନମନ୍ତ୍ରୀ ଏହି ମିଶନକୁ ଭଗବାନ ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ର ସହ ତୁଳନା କରିଛନ୍ତି ।

**V/O-SUDARSHAN-CHAKRA**

ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ଶକ୍ତି, ମହାକାଶ ଏବଂ ଉତ୍ପାଦନ କ୍ଷେତ୍ରରେ ଭାରତର ଅଗ୍ରଗତିକୁ ଉଲ୍ଲେଖ କରି ଆତ୍ମନିର୍ଭର ଭାରତକୁ ଦେଶର ପ୍ରମୁଖ ମୂଳଦୁଆ ଭାବେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ

ମୋଦୀ ଭାରତର ପ୍ରତିରକ୍ଷା ଆତ୍ମନିର୍ଭରତାର ପ୍ରଦର୍ଶନ ଭାବେ ଅପରେସନ ସିନ୍ଦୂରକୁ ପ୍ରଶଂସା କରିବା ସହ ଜାତୀୟ ସୁରକ୍ଷାକୁ ବିଦେଶଶକ୍ତି ଉପରେ ନିର୍ଭର କରିପାରିବ ନାହିଁ ବୋଲି କହିଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି ସରକାର ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଦେଶ ସେମାନଙ୍କର ସ୍ୱାର୍ଥ ସହ କେବେ ହେଲେ ଅଣଦେଖା କରିବ ନାହିଁ ।

ସରକାର ୧ ଲକ୍ଷ କୋଟି ଟଙ୍କାର ନିଯୁକ୍ତି ଯୋଜନା ଆରମ୍ଭ କରିଛନ୍ତି, ଯାହା ଅଧୀନରେ ନୂତନ ନିଯୁକ୍ତିପ୍ରାପ୍ତ ଯୁବକ ଯୁବତୀମାନେ ପ୍ରତିମାସରେ ୧୫ ହଜାର ଟଙ୍କା ଲେଖାଏଁ ପାଇବେ । ଏହି ଯୋଜନାରେ ଦେଶର ୩ କୋଟିରୁ ଅଧିକ ଯୁବକ ଯୁବତୀ ଲାଭାନ୍ୱିତ ହେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-PM-YUVA-ROJGAR-YOJNA**

ଆସନ୍ତା ଦୀପାବଳି ସୁଦ୍ଧା ଦେଶରେ ଜିଏସ୍‌ଟି ସଂସ୍କାର ପ୍ରଚଳନର ଘୋଷଣା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଉପରେ ଟିକସ ହ୍ରାସ କରିବା ଏହାର ଲକ୍ଷ୍ୟ ରହିଛି । ସେ କହିଛନ୍ତି, ଏହି ପଦକ୍ଷେପ ସାଧାରଣ ଲୋକ, ଚାଷୀ, ମଧ୍ୟବିତ୍ତବର୍ଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଆଶ୍ୱସ୍ତି ଆଣିବ ।

ପ୍ରଧାନମନ୍ତ୍ରୀ ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶ ଯୋଗୁଁ ଜନସଂଖ୍ୟାଗତ ଅସନ୍ତୁଳନର ଭୟାବହତା ଉପରେ ଅଭିଭାଷଣ ରଖିଥିଲେ । ଏହି ସମସ୍ୟାର ମୁକାବିଲା ପାଇଁ ସେ ଉଚ୍ଚକ୍ଷମତା ସମ୍ପନ୍ନ ଜନସଂଖ୍ୟା ମିଶନ ଆରମ୍ଭ କରାଯିବ । ଏହାଦ୍ୱାରା ନାଗରିକମାନଙ୍କର ଏକତା, ଅଖଣ୍ଡତା ଏବଂ ଅଧିକାର ସୁରକ୍ଷିତ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଦେଶର ବଜେଟର ଏକ ବଡ଼ ଅଂଶ ଏବେ ମଧ୍ୟ ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ୍ ଆମଦାନୀ କରିବାରେ ଖର୍ଚ୍ଚ ହେଉଛି । ସୌର, ହାଇଡ୍ରୋଜେନ, ଜଳ ଏବଂ ପରମାଣୁ ଶକ୍ତିରେ ପ୍ରମୁଖ ପ୍ରସାର ସହିତ ସମୁଦ୍ର ସମ୍ପଦ ବ୍ୟବହାର ପାଇଁ ଜାତୀୟ ଗଭୀର ଜଳ ଅନୁସନ୍ଧାନ ମିଶନ ଆରମ୍ଭ କରାଯିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଦେଶର ପରମାଣୁ ଶକ୍ତି ବିସ୍ତାର ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ୧୦ଟି ନୂତନ ପରମାଣୁ ରିଆକ୍ଟର କାର୍ଯ୍ୟକ୍ଷମ ରହିଛି ଓ ସ୍ୱାଧୀନତାର ଶହେତମ ବର୍ଷ ସୁଦ୍ଧା ଦେଶ ପରମାଣୁ ଶକ୍ତି କ୍ଷମତାକୁ ଦଶଗୁଣ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

**V/O-PM--NUCLEAR-ENERGY**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଚଳିତବର୍ଷ ଶେଷ ସୁଦ୍ଧା ମେଡ୍ ଇନ୍ ଇଣ୍ଡିଆ ସେମିକଣ୍ଡକ୍ଟର ଚିପ୍ସ ଲଞ୍ଚ କରିବ । ଯାହା ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦେଶର ବର୍ଦ୍ଧିତ ଶକ୍ତିକୁ ପ୍ରତିଫଳିତ କରିବ । ବିଶ୍ୱ

ପ୍ରତିଯୋଗିତା ପାଇଁ ଏଆଇ, ସାଇବର୍ ସୁରକ୍ଷା, ଡିପ୍‌ଟେକ୍ ଏବଂ ଅପରେଟିଂ ସିଷ୍ଟମ୍‌ରେ ନବସୃଜନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅନ୍ତର୍ଜାତୀୟ ମହାକାଶକେନ୍ଦ୍ରରୁ ଫେରିଥିବା ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଳାଙ୍କ ଉଲ୍ଲେଖନୀୟ ସଫଳତାକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ଭାରତର ନିଜସ୍ୱ ମହାକାଶ କେନ୍ଦ୍ର ପାଇଁ ମହତ୍ତ୍ୱାକାଂକ୍ଷୀ ଯୋଜନା ସଂପର୍କରେ ଘୋଷଣା କରିଛନ୍ତି । ମହାକାଶ କ୍ଷେତ୍ରରେ ଭାରତ ଗଗନଯାନ ପାଇଁ ପ୍ରସ୍ତୁତି କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଦେଶରେ ୩୦୦ରୁ ଅଧିକ ଷ୍ଟାର୍ଟଅପ୍’, ସାଟେଲାଇଟ୍, ଅନୁସନ୍ଧାନ ଏବଂ ଅତ୍ୟାଧୁନିକ ମହାକାଶ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସକ୍ରିୟ ଭାବେ ନବସୃଜନ କରୁଛନ୍ତି, ଯାହା ଭାରତର ମହାକାଶ ବିଜ୍ଞାନ ଏବଂ ଅନୁସନ୍ଧାନ କ୍ଷେତ୍ରରେ ବିଶ୍ୱସ୍ତରରେ ନେତୃତ୍ୱ ନେଉଛି । ଶ୍ରୀ ମୋଦୀ ଯୁବବୈଜ୍ଞାନିକ, ପ୍ରତିଭାବାନ ଯୁବପିଢ଼ି, ଇଞ୍ଜିନିୟର ଏବଂ ସରକାରଙ୍କ ପ୍ରତ୍ୟେକ ବିଭାଗକୁ ବିମାନ ପାଇଁ ନିର୍ମିତ ଭାରତ ଯୁଦ୍ଧ ବିମାନ ଇଞ୍ଜିନ୍ ଉତ୍ପାଦନ କରିବାକୁ ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଗତ ୧୦୦ବର୍ଷ ଧରି ରାଷ୍ଟ୍ରସେବାରେ ସମର୍ପିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱେଚ୍ଛାସେବକମାନଙ୍କ ସମର୍ପଣକୁ ସମ୍ମାନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଏହି ଅବସରରେ ନିମନ୍ତ୍ରିତ ଅତିଥି ଏବଂ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ ।

# ଶିବରାଜ-ଫାର୍ମର୍ସ୍

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, କୃଷକମାନଙ୍କର ସ୍ୱାର୍ଥ ହାନୀ ହେଲାଭଳି କୌଣସି ଚୁକ୍ତିନାମା ଅନ୍ୟ ଦେଶ ସହ କରାଯିବ ନାହିଁ । ନୂଆଦିଲ୍ଲୀ ଠାରେ ଆଜି ଦେଶର କୃଷକମାନଙ୍କୁ ସମ୍ବୋଧିତ କରି ଶ୍ରୀ ଚୌହାନ କହିଛନ୍ତି, ଏହି ରାଜିନାମା ସମାନ ନୀତି ଆଧାରରେ ହେବା ଉଚିତ୍ । କୃଷକ କଲ୍ୟାଣ ଓ ଦେଶର ବିକାଶକୁ ଅଗ୍ରାଧିକାର ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ।

# ଟ୍ରମ୍ପ୍-ପୁଟିନ୍

ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭ୍‌ରୋଭ୍ କହିଛନ୍ତି, ଆଜି ରାତିରେ ଆଲାସ୍କାର ଆଙ୍କୋରେଜ୍ ଠାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ରୁଷ ତାର ସ୍ଥିତି ସ୍ପଷ୍ଟ କରିବ । ଆଲାସ୍କାରେ ପହଞ୍ଚି ଏକ ଟିଭି ଚ୍ୟାନେଲ୍‌କୁ ଶ୍ରୀ ଲାଭ୍‌ରୋଭ କହିଛନ୍ତି, ଦୁଇ ଦେଶ ମଧ୍ୟରେ ବିଚାର ଆଲୋଚନା ଏକ ସକାରାତ୍ମକ ଦିଗ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି । ଡୋନାଲ୍ଡ ଟ୍ରମ୍ପ୍‌ଙ୍କର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କୋଫ୍ କହିଛନ୍ତି, ଦୁଇ

ଦେଶ ମଧ୍ୟରେ ଆହୁତ ହେଉଥିବା ଏହି ସମ୍ମିଳନୀ ଏକ ଫଳପ୍ରଦ ନିର୍ଯ୍ୟାସରେ ପହଞ୍ଚିବ ।

## ପିଏମ୍-ଶ୍ରୀ ଅରବିନ୍ଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାନ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ କହିଛନ୍ତି, ଶ୍ରୀ ଅରବିନ୍ଦ ଦେଶବାସୀଙ୍କୁ ଆଧ୍ୟାତ୍ମିକତା, ଦର୍ଶନ, ଓ ଦେଶ ଗଠନ ଦିଗରେ ସମର୍ପିତ ହେବାକୁ ଶିକ୍ଷା ଦେଇଛନ୍ତି ।